୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ଖେଳ ପର୍ଯ୍ୟବେକ୍ଷକ



# ଚଳିତବର୍ଷ କିଟ ନହ୍ନିପରୀର ରୌପ୍ୟ ଜୟନ୍ତୀ



ଭୁବନେଶ୍ୱର, (ପି.ଏନ) : କିଟ୍ ନହ୍ନିପରୀ ଲିଟିଲ୍ ମିସ୍ ଇଣ୍ଡିଆର ୨୫ତମ ସଂସ୍କରଣ ପାଇଁ ଆଂଚଳିକ ଅଡିସନ୍ ରବିବାର ଭୁବନେଶ୍ୱରଠାରେ ଶେଷ ହୋଇଛି । କିଟ୍ ପରିସରରେ ଅନୁଷ୍ଠିତ ହୋଇଥିବା ଏହି ଅଡ଼ିସନ୍‌ରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୧୩ ରୁ ୧୫ବର୍ଷ ବୟସର ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଡିସେମ୍ବର ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଏହାର ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହେବ । ଆଜି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । ବିଚାରକ ଭାବେ ଓଲିଉଡ୍ × ତାରକା ପୁନମ ମିଶ୍ର ଓ ସୂର୍ଯ୍ୟମୟୀ ମହାପାତ୍ର, ଲେଭେଲ ରୋସନର ମୁଖ୍ୟ ରୋଷନ ସାହୁ, ବିଶିଷ୍ଟ ଫଟୋଗ୍ରାଫର ଅଖିଳ ରଞ୍ଜନ, ଡ. ତ୍ରିପୁରା ମିଶ୍ର ଓ ବାଉରୀ ରାଉଳ ପ୍ରମୁଖ ଯୋଗ ଦେଇଥିବା ବେଳେ କୋର କମିଟି ସଦସ୍ୟ ମଳୟ ମହାପାତ୍ର ଓ ଡ. ଶ୍ରଦ୍ଧାଞ୍ଜଳି ନାୟକ ଉପସ୍ଥିତ ଥିଲେ ।ସୂଚନାଯୋଗ୍ୟ, କିଟ୍ ନହ୍ନିପରୀ ବିଜେତାମାନଙ୍କ ପାଇଁ ମୋଟ ୫୬ ଲକ୍ଷ ଟଙ୍କାର ପୁରସ୍କାର ରଖାଯାଇଛି । ନହ୍ନି ପରୀ ଟାଇଟଲ୍ ବିଜେତାଙ୍କୁ ନଗଦ ୧୦ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ଆକାରରେ ପ୍ରଦାନ କରାଯିବାକୁ ଥିବା ବେଳେ ସେ କିଟ୍‌ରେ ପାଠ ପଢ଼ିଲେ ତାଙ୍କର ଶହେ ପ୍ରତିଶତ ଫି' ଛାଡ଼ ଅର୍ଥାତ୍ ସର୍ବାଧିକ ୧୮ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫି ଛାଡ଼ ହେବ । ପ୍ରଥମ ରନର୍ସ ଅପ୍‌ଙ୍କୁ ନଗଦ ୫ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବା ସହ ଏବଂ ସେ କିଟ୍‌ରେ ପାଠ ପଢିଲେ ସର୍ବାଧିକ ୯ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫି' ଛାଡ଼ କରାଯିବ । ଦ୍ୱିତୀୟ ରନର୍ସ ଅପ୍ ପାଇଁ ୩ଲକ୍ଷ ଟଙ୍କା ନଗଦ ଅର୍ଥରାଶି ସହ ସର୍ବାଧିକ ୯ଲକ୍ଷ ଟଙ୍କା ପର୍ଯ୍ୟନ୍ତ, ପୁରସ୍କାର ପ୍ରଦାନ କରାଯିବ । ସେହିପରି ପ୍ରତିଯୋଗିତାର ମିସ୍ ରାପୁଞ୍ଜେଲ୍, ମିସ୍ ଫଟୋଜେନିକ୍, ମିସ୍ ସେଲ୍‌ଫି (ଫେସ୍‌ବୁକ୍‌ରେ ସର୍ବାଧିକ ଲାଇକ୍), ମିସ୍ ଫେସନ୍ ଗାର୍ଲ, ମିସ୍ ୱିଜ କିଡ୍, ମିସ୍ ସିଣ୍ଡେଲା, ମିସ୍ ଉର୍ବଶୀ, ମିସ୍ କ୍ୟାଟ୍‌ୱାକ୍, ମିସ୍ ମୋନାଲିସା ଏବଂ ମିସ୍ ଆକ୍‌ଟିଭ୍ ଆଦି ବିଭିନ୍ନ ବର୍ଗରେ ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଥିବା ପ୍ରତିଯୋଗୀଙ୍କ ପାଇଁ ପ୍ରତ୍ୟେକ ୨୦ ହଜାର ଟଙ୍କାର ଅର୍ଥିକ ପୁରସ୍କାର ବ୍ୟବସ୍ଥା ରହିଛି । ୨୦୦୧ ମସିହାରେ କେନ୍ଦୁଝରରୁ ଆରମ୍ଭ ହୋଇଥିବା କିଟ୍ ନହ୍ନିପରୀ ପ୍ରତିଯୋଗିତା ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପୃଷ୍ଠପୋଷକତା ଓ ପରାର୍ମଶ କ୍ରମେ ଏବେ ସମଗ୍ର ଦେଶରେ ବେଶ୍ ପ୍ରସିଦ୍ଧି ଲାଭ କରିଛି ।

# ବନ୍ଦର ନଗରୀରେ ଶ୍ରମିକ ନେତାଙ୍କୁ ବିପୁଳ ସ୍ୱାଗତ



ପାରାଦୀପ,(ପି.ଏନ): ପାରାଦୀପରେ ପହଁଚିଲେ ସର୍ବଭାରତୀୟ ଶ୍ରମିକ ନେତା ଶ୍ରୀଯୁକ୍ତ ତନ୍ମୟ କୁମାର ଜେନା ଝ ପ୍ରବଳ ବର୍ଷା ସତ୍‌ତ୍ୱେ ହଜାର ହଜାର ଶ୍ରମିକ ସ୍ଥାନୀୟ ଦୋଛକିରେ ପହଂଚି ଶ୍ରମିକ ନେତାଙ୍କୁ ସ୍ୱାଗତ କରିବା ସହ ସ୍ଥାନୀୟ ବଡପଡିଆ ସଂଘ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ଶ୍ରୀଯୁକ୍ତ ଜେନା ତିନିଦିନ ଧରି ପାରାଦୀପରେ ରହିବା ସହିତ ଭାରତୀୟ ତୈଳ ବିଶୋଧନାଗାର କର୍ତ୍ତୃପକ୍ଷଙ୍କ ସହ ଶ୍ରମିକ ମାନଙ୍କ ସେଟେଲମେଂଟ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବେ । ଅନେକ ସମୟରେ ଶ୍ରମିକ ମାନେ ଏଠାରେ ବିଭିନ୍ନ ଠିକାଦାର ଓ ସଂଗଠନ ଦ୍ୱାରା ଶୋଷିତ ହେଉଥିବା ବେଳେ ଶ୍ରମିକ ମାନେ କିପରି ସେମାନଙ୍କର ନାର୍ଯ୍ୟ ଦାବି ହାସଲ କରିବେ ସେନେଇ ଆଗାମୀ ଦିନରେ ଅନେକ କାର୍ଯ୍ୟପନ୍ଥା ସଂଘ ପକ୍ଷରୁ ଗ୍ରହଣ କରାଯିବ ବୋଲି ଗଣମାଧମକୁ ସେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ରାତାରାତି ଗଢି ଉଠୁଥିବା ଶ୍ରମିକ ସଂଗଠନ ହିଁ ଶ୍ରମିକ ମାନଙ୍କ ଶତ୍ରୁ ଓ ନିଜ ଫାଇଦା ପାଇଁ ସେମାନେ ସଂଗଠନ ଗଢି କମ୍ପାନୀ ସହ ସାଲିସ କରୁଛନ୍ତି । ଶ୍ରମିକ ମାନେ ଅନେକ ସମୟରେ ଶୋଷଣର ଶିକାର ହେଉଛନ୍ତି । ସେମାନଙ୍କୁ କିଭଳି ନ୍ୟାୟ ଦେଇ ହେବ, ସେନେଇ ସେମାନଙ୍କର ଚିନ୍ତା ନାହିଁ ବୋଲି ଶ୍ରମିକ ନେତା ତନ୍ମୟ ଜେନା ମଧ୍ୟ ପ୍ରକାଶ କରିଛନ୍ତି । ତନ୍ମୟ ଜେନା ସର୍ବଭାରତୀୟ ମହାନ ଶ୍ରମିକ ନେତା ସ୍ୱର୍ଗତଃ ଘନଶ୍ୟାମ ଜେନାଙ୍କର ପୁତ୍ର ଅଟନ୍ତି । ତାଙ୍କ ସହ ଆର ଏନ ଦାସ, ଏହି ଗ୍ରସ୍ତ ସମୟରେ ଆସିଥିବା ବେଳେ ପାରାଦୀପ ପୋର୍ଟ ଆଣ୍ଡ ଡକ ମଜଦୁର ଇଉନିୟନର ସାଧାରଣ ସମ୍ପାଦକ ସନାତନ ବେହେରା, ପରେଶ ପ୍ରଧାନ, କୁମର ରାଉତ , ନୃସିଂହ ଜେନା, ରଜନୀ କାନ୍ତ ସ୍ୱାଇଁ, ପ୍ରମୋଦ ପାଲଟା ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଇଦାମୁଦର ପୂଜା ଉତ୍ସବ ଉପଲକ୍ଷେ ରାହାସ ଦଳଖିଆ କାର୍ଯ୍ୟକ୍ରମ ଆୟୋଜିତ



ଗୋଲାମୁଣ୍ଡା (ପି ଏନ):-ଓଡ଼ିଶା କଳା ସଂସ୍କୃତି ଓ ପ୍ରାଚୀନ ପରମ୍ପରା ଅତ୍ୟନ୍ତ ନିଆରା । କାର୍ତିକ ମାସ ହେଇଛି ଏକ ପବିତ୍ର ମାସ । ଏହି ମାସରେ ଓଡ଼ିଶାର ପୁରପଲ୍ଲୀରେ ମାସଯାକ ଯାଏଁ ସ୍ଥାନରେ ସ୍ଥାନରେ ଭଗବାନଙ୍କ ପୂଜା ଅର୍ଚ୍ଚନା ଚାଲିଥିବା ବେଳେ ରାହାସ ମଣ୍ଡଳୀମାନଙ୍କରେ ଖୋଲ ତାଳ ଧରି ନୃତ୍ୟ ବୁଢ଼ା ଠାରୁ ପିଲା ଯାଏଁ ଭଜନ, ଜଣାଣ,ସତସଙ୍ଗ ଆଦି ଆୟୋଜନ କରାଯାଇଥାଏ । ଆଜିକାଲି ୟୁଟ୍ୟୁବ, ଫେସବୁକ୍, ଇଷ୍ଟାଗ୍ରାମ, ଏକ୍ସ ସୋସିଆଲ ମିଡ଼ିଆ ଯୋଗୁଁ ପ୍ରାଚୀନ କଳା ସଂସ୍କୃତି ଲୋପ ପାଉ ଥିଲେ ହେଁ ଏହି ଅଂଚଳରେ ରାହାସ କଳା ନୃତ୍ୟ ଶୋଭା ବର୍ଦ୍ଧନ କରୁଛି । କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଦଳ ଖିଆ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଥିବା ବେଳେ କୁମ୍ଭାରୀଠାରେ ରାଇଦାମୁଧର ପୂଜା ଉତ୍ସବ ଉପଲକ୍ଷେ ରାହାସ ଦଳଖିଆ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କୁମ୍ଭାରୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଡୋକ୍ରିପଡ଼ା , ଡିଗ୍ରୀ ପଡ଼ା, ଫୁଣ୍ଡା, ଫରଙ୍ଗ, ଟେମରି, ଅମଠା ତଳପଡ଼ା, ଅମଠା ଘି ପଡ଼ା, ଚିଲଗାଁ, କୁମ୍ଭାରୀ ରାହାସ ମଣ୍ଡଳୀ ଭକ୍ତ ବୃନ୍ଦ କ୍ରମାଗତ ଭାବେ ନିଜ ନିଜର କଳା ନୃତ୍ୟ ପ୍ରଦର୍ଶନ କରି ମଧୁର ସ୍ୱରରେ ଭକ୍ତି ସଂଗୀତ ଗାନ କରି ଦର୍ଶକ ଦର୍ଶକାମାନଙ୍କ ମନ ମୋହିତ କରି ହୃଦୟରେ ଚିର ସ୍ମରଣୀୟ ହୋଇ ରହି ଯାଇଛନ୍ତି । ଏଥିରେ ରୁଦ୍ର ପ୍ରସାଦ ସା, ଲବଣୀ ଗୋପାଲ, ସନ୍ୟାସୀ ଭୋଇ, ଧନେଶ୍ୱର ସା, ଜଗଜ୍ଜୀବନ ସା, ସୁଶାନ୍ତ ପଧାନ, ନିଳାନ ପଧାନ, ବିରୁପକ୍ଷ ସା, ଖିରସିନ୍ଧୁ ସାହୁ, ନାନୁ ସା,ଶିବ ନାଏକ, ଜିତ ରଂଜନ ସା, ଗିରିଶ ପଧାନ , ବିରିଂ ପଧାନ, ମତିରାମ ସା, ଘାସି ପଧାନ, ଅମର ପଟେଲ , ପଙ୍କଜ ସା, ପବିତ୍ର ସା , ଥବିର ଗୋପାଲ, ଧାରାନନ୍ଦ ସା ତଥା ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

# ଉତ୍କଳ ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ରୌପ୍ୟଜୟନ୍ତୀ



ଭୁବନେଶ୍ୱର,(ପି.ଏନ): ଉତ୍କଳ ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ରୌପ୍ୟଜୟନ୍ତୀ ଉତ୍ସବ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଉତ୍ସବକୁ ପୃଥ୍ୱୀରାଜ ହରିଚନ୍ଦନ ଆଇନ ମନ୍ତ୍ରୀ ଉଦ୍‌ଘାଟକ ଭାବେଯୋଗଦାନ କରି ସେବାନିବୃତ କର୍ମଚାରୀଙ୍କର ସେବାନୈପୁଣ୍ୟର ପ୍ରଶଂସା କରିଥିଲେ । ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ସମ୍ମାନିତଅତିଥି ପ୍ରଫେସର କିଶୋର କୁମାର ବାସା, ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେର ଯଜ୍ଞେଶ୍ୱର ଦଂଡପାଟ ପ୍ରମୁଖ ଯୋଗଦେଇଥିଲେ । ଅବସରପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ଅସୁବିଧାଗୁଡ଼ିକର ସମାଧାନ ନିମନ୍ତେ ବିହିତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ । ସଂଘର ସଭାପତି ଜୟନ୍ତ କୁମାର ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଉପସଭାପତି ପରିଚୟ ପ୍ରଦାନ କରିଥିଲେ ଏବଂ ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ବିଶ୍ୱାଳ ବାର୍ଷିକ ବିବରଣୀ ପ୍ରଦାନ କରି ଅବସରପ୍ରାପ୍ତ କର୍ମଚାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ । ସଭା ଶେଷରେ ଉପ ସଭାପତି ପ୍ରଭାତ କୁମାର ହୋତାଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇ ସଭା ସାଙ୍ଗ କରାଯାଇଥିଲା ।

# ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲାରେ କୋର୍ଟରେ ହାଜର ହେଲେ ମହିମା ମିଶ୍ର ଏବଂ ବାପି ସର୍‌ଖେଲ



ପାରାଦୀପ/କୁଜଙ୍ଗ,(ପି.ଏନ): ସିଓ୍ୱେଜ୍ ସିପିଂ ଆଣ୍ଡ୍ ଲଜିଷ୍ଟିକ୍ସ ପ୍ରାଇଭେଟ୍ ଲିମିଟେଡ୍ (ଏସ୍‌ଏସପିଏଲ) ର ଜେନେରାଲ ମ୍ୟାନେଜର ମହେନ୍ଦ୍ର ସ୍ୱାଇଁଙ୍କ ହତ୍ୟା ମାମଲାରେ ସୋମବାର ଦିନ ଶିଳ୍ପପତି ମହିମାନନ୍ଦ ମିଶ୍ର ଏବଂ ପୂର୍ବତନ କଂଗ୍ରେସ ନେତା ଅରିନ୍ଦମ ସର୍‌ଖେଲ ଓରଫ ବାପି ସର୍‌ଖେଲ କୁଜଙ୍ଗର ଅତିରିକ୍ତ ସେସନ୍ସ ଜଜ୍ କୋର୍ଟରେ ହାଜର ହୋଇଛନ୍ତି । ୨୦୧୬ ମସିହାରେ ହୋଇଥିବା ହାଇପ୍ରୋଫାଇଲ୍ ହତ୍ୟା ମାମଲାରେ ସମସ୍ତ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିବା ଜଣାପଡ଼ିଛି । କୋର୍ଟ ସେମାନଙ୍କ ସାକ୍ଷ୍ୟ ଗ୍ରହଣ କରିଛନ୍ତି ଏବଂ ସେମାନଙ୍କ ଜାମିନ ବଣ୍ଡ ଗ୍ରହଣ ପାଇଁ ନଭେମ୍ବର ୨୪ ଏବଂ ୨୫ ତାରିଖ ଧାର୍ଯ୍ୟ କରିଛନ୍ତି ବୋଲି ସୂଚନା ମିଳିଛି । ଓଡ଼ିଶା ଷ୍ଟିଭେଡୋର୍ସ ଲିମିଟେଡ୍ (ଓଏସଏଲ)ର ପରିଚାଳନା ନିର୍ଦ୍ଦେଶକ ମହିମାନନ୍ଦ ମିଶ୍ରଙ୍କୁ ହତ୍ୟାର ମାଷ୍ଟରମାଇଣ୍ଡ ବୋଲି ଅଭିଯୁକ୍ତ କରାଯାଇଥିଲା ଏବଂ ପୂର୍ବତନ କଂଗ୍ରେସ ନେତା ବାପି ସର୍‌ଖେଲଙ୍କୁ ଏହି ମାମଲାରେ ସହ-ଅଭିଯୁକ୍ତ ଭାବେ ଅଭିଯୁକ୍ତ କରାଯାଇଥିଲା ।ସୂଚନାଥାଉକି ପାରାଦୀପର ମଧୁବନର ମାଉସୀମା ମନ୍ଦିର ନିକଟସ୍ଥ କଲୋନୀ ରାସ୍ତାରେ ମହେନ୍ଦ୍ର ସ୍ୱାଇଁ (୪୫) ତାଙ୍କ କାରରେ ଅଫିସ ଯାଉଥିବା ସମୟରେ ତାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ଦୁଇ ଜଣ ମୋଟରସାଇକେଲ ଆରୋହୀ ତାଙ୍କ ଗାଡ଼ିକୁ ଅଟକାଇଥିଲେ, ନିକଟରୁ ତାଙ୍କ ଉପରେ ଗୁଳି ଚଳାଇଥିଲେ ଏବଂ ବୋମା ଫିଙ୍ଗି ଘଟଣାସ୍ଥଳରୁ ପଳାଇ ଯାଇଥିଲେ । ବିଜୁ ପଟ୍ଟନାୟକ ସ୍ମାରକୀ ହସ୍ପିଟାଲକୁ ନେବା ବାଟରେ ମହେନ୍ଦ୍ର ସ୍ୱାଇଁଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣା ପରେ, ରାଜ୍ୟ ଅପରାଧ ଶାଖା ତଦନ୍ତ ଆରମ୍ଭ କରିଥିଲା ??ଏବଂ ପରେ ଡିସେମ୍ବର ୨୦୧୬ ରେ ମହିମା ମିଶ୍ରଙ୍କୁ ଥାଇଲ୍ୟାଣ୍ଡରୁ ଗିରଫ କରାଯାଇଥିଲା । ତାଙ୍କୁ ଜୁନ ୧୯, ୨୦୧୮ ରେ ନ୍ୟାୟିକ ହାଜତରୁ ମୁକ୍ତ କରାଯାଇଥିଲା, କିନ୍ତୁ ସୁପ୍ରିମକୋର୍ଟ ତାଙ୍କୁ ଓଡ଼ିଶା ହାଇକୋର୍ଟ ଦ୍ୱାରା ଦିଆଯାଇଥିବା ଜାମିନକୁ ପ୍ରତ୍ୟାହାର କରିବା ପରେ ୨୦୧୮ ମସିହା ସେପ୍‌ଟେମ୍ବର ୨୯ ତାରିଖରେ ପୁନର୍ବାର ମହିମା ମିଶ୍ରଙ୍କୁ ଗିରଫ କରାଯାଇଥିଲା । ପରବର୍ତୀ ସମୟରେ, ହାଇକୋର୍ଟର ଏକକ ଖଣ୍ଡପୀଠ ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କୁ ପୁଣି ଥରେ ଜାମିନ ପ୍ରଦାନ କରିଥିଲେ ଏବଂ ଟ୍ରାଏଲ୍ କୋର୍ଟକୁ ତାଙ୍କ ମୁକ୍ତି ପାଇଁ ସର୍ତାବଳୀ ନିର୍ଣ୍ଣୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟପକ୍ଷରେ, ସହ-ଅଭିଯୁକ୍ତ ବାପି ସର୍‌ଖେଲଙ୍କୁ ୧୭ ଏପ୍ରିଲ୍ ୨୦୧୭ରେ ହାଇକୋର୍ଟ ୧ ଲକ୍ଷ ଟଙ୍କା ଜାମିନ ଏବଂ ଦୁଇଜଣ ଜାମିନଦାରଙ୍କ ବଦଳରେ ଜାମିନ ପ୍ରଦାନ କରିଥିଲେ । ମହେନ୍ଦ୍ର ସ୍ୱାଇଁଙ୍କ ହତ୍ୟା ମାମଲାରେ ମହିମା ମିଶ୍ର ଏବଂ ସର୍‌ଖେଲ ଉଭୟଙ୍କ କୁଜଙ୍ଗର ଅତିରିକ୍ତ ସେସନ୍ସ ଜଜ୍ କୋର୍ଟରେ ବିଚାର ଜାରି ରହିଛି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray